# NATIONAL NEWS BULLETIN (ODIA)

**25 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ ଓ ଫିଜି ମଧ୍ୟରେ ସ୍ୱାସ୍ଥ୍ୟ, ସାମର୍ଥ୍ୟ ଓ ବୃହତ ପ୍ରକଳ୍ପ ସଂପର୍କିତ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ
- ସମ୍ବିଧାନର ୧୩୦ତମ ସଂଶୋଧନ ନେଇ ବିରୋଧୀଦଳ ଗୁଡ଼ିକର ପ୍ରତିବାଦକୁ ସମାଲୋଚନା କରିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ
- ଗୁଜରାଟର ଅହମ୍ମଦାବାଦରେ ଆଜି ୫ ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ନିଜ ଜନ୍ମସ୍ଥାନ ଲକ୍ଷ୍ନୌରେ ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଭବ୍ୟ ସ୍ୱାଗତ ଜଣାଇଲେ ଜନସାଧାରଣ

## ପିଏମ୍-ଫିଜି

ନୂଆଦିଲ୍ଲୀରେ ଆଜି ଭାରତ ଏବଂ ଫିଜି ମଧ୍ୟରେ ସ୍ୱାସ୍ଥ୍ୟ, ମାନକୀକରଣ, ସାମର୍ଥ୍ୟ ନିର୍ମାଣ ଏବଂ ବୃହତ ପ୍ରକଳ୍ପ ସଂପର୍କିତ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଫିଜି ପ୍ରତିପକ୍ଷ ସିଟେନି ରାବୁକାଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଫିଜିର ରାଜଧାନୀ ସୁଭାରେ ଏକ ଶହେଶଯ୍ୟା ବିଶିଷ୍ଟ ସୁପର୍ ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ କରାଯିବ । ସେଠାରେ ଜନଔଷଧୀକେନ୍ଦ୍ର

ସ୍ଥାପନ ସହ ଡାଏଲିସସ୍ ୟୁନିଟ୍ ଏବଂ ସାମୁଦ୍ରିକ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ।

ଶ୍ରୀ ମୋଦୀ କହିଛନ୍ତି ଉଭୟ ଦେଶ ସାଇବର ସୁରକ୍ଷା ଏବଂ ତଥ୍ୟ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅଭିଜ୍ଞତା ମିଳିତ ପ୍ରୟୋଗ କରିବା ସହ ଫିଜି ପ୍ରଧାନମନ୍ତ୍ରୀ ଆତଙ୍କବାଦ ମନୁଷ୍ୟ ସମାଜ ପାଇଁ ଏକ ବଡ଼ ଆହ୍ୱାନ ବୋଲି ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିବା ଶ୍ରୀ ମୋଦୀ କହିଛନ୍ତି । ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ଉଭୟ ଦେଶ କାର୍ଯ୍ୟ କରିବେ ବୋଲି ବୈଠକରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଫିଜି ପାଇଁ ଏକ ଗୁରୁତର ବିପଦ ହୋଇଥିବାରୁ ସେହି ପ୍ରସଙ୍ଗରେ ଉଭୟ ଦେଶ ନବୀକରଣୀୟ ଶକ୍ତି ଉପରେ ଏକାଠି କାର୍ଯ୍ୟ କରୁଛନ୍ତି । ଉଭୟ ଦେଶ ଆନ୍ତର୍ଜାତିକ ସୌରମେଣ୍ଟ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଏବଂ ବିଶ୍ୱ ଜୈବ ଇନ୍ଧନ ମେଣ୍ଟରେ ଏକାଠି କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ଏଚ୍‌ଏମ୍ ଇଣ୍ଟରଭିଉ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସମ୍ବିଧାନର ୧୩୦ତମ ସଂଶୋଧନ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହେଉଥିବା ପ୍ରଦର୍ଶନକୁ ସମାଲୋଚନା କରିଛନ୍ତି । ଏକ ସମ୍ବାଦ ସରବରାହ ସଂସ୍ଥା ସହ ସାକ୍ଷାତକାରରେ ଶ୍ରୀ ଶାହା କହିଛନ୍ତି, ବିରୋଧୀ ନେତାମାନେ ଜେଲ୍‌ରେ ଥିବା ସତ୍ତ୍ୱେ ସରକାର ଗଠନ ଏବଂ ପରିଚାଳନା କରିବାକୁ ଚେଷ୍ଟା କରୁଛନ୍ତି । ଏ ନେଇ ବିରୋଧୀଦଳ ଗୁଡ଼ିକର ପ୍ରତିବାଦକୁ ଶ୍ରୀ ଶାହା ଅଗଣତାନ୍ତ୍ରିକ ବୋଲି କହିଛନ୍ତି । ସାକ୍ଷାତକାର ସମୟରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏହି ବିଲ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଭାରତୀୟ ଜନପ୍ରତିନିଧିତ୍ୱ ଆଇନକୁ ଉଦ୍ଧୃତ କରି ଶ୍ରୀ ଶାହା କହିଛନ୍ତି, ଯଦି କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ୨ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଦଣ୍ଡିତ କରାଯାଏ, ସେ କ୍ଷେତ୍ରରେ ତାଙ୍କୁ ସଦସ୍ୟ ପଦରୁ ଅବ୍ୟାହତି ଦିଆଯିବ ।

**1= V/O (Saha, No Jail)**

୧୩୦ତମ ସଂଶୋଧନ ଉପରେ ମିଳିତ ସଂସଦୀୟ କମିଟିକୁ ବୈଠକ କରିବା ବିଷୟରେ ଶ୍ରୀ ଶାହା କହିଛନ୍ତି, ଯେପିସି ତା'ର କାର୍ଯ୍ୟ କରିବ ଏବଂ ଅନ୍ୟମାନେ ସେମାନଙ୍କ କାର୍ଯ୍ୟ କରିବେ ।

**2= V/O (Saha)**

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ବିରୋଧୀ ଦଳଗୁଡ଼ିକ ଉଠାଇଥିବା ପ୍ରଶ୍ନ ନେଇ ଶ୍ରୀ ଶାହା କହିଛନ୍ତି, ଶ୍ରୀ ଧନଖଡ଼ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଇସ୍ତଫା ଦେଇଛନ୍ତି । ବିରୋଧୀଦଳ ଗୁଡ଼ିକ ଏହି ପ୍ରସଙ୍ଗକୁ ନବଢ଼ାଇବାକୁ ଶ୍ରୀ ଶାହା ଅନୁରୋଧ କରିଛନ୍ତି ।

**3= V/O (Saha)**

---

## ମନସୁଖ ମାଣ୍ଡବ୍ୟ

କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଦେଶର ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା, ଭାରତ ବିଶ୍ୱର ଶ୍ରେଷ୍ଠ ପାଂଚଟି କ୍ରୀଡା ରାଷ୍ଟ୍ର ମଧ୍ୟରେ ସାମିଲ ହେବାକୁ ଆଶା ରଖିଛି। ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ମାଣ୍ଡବ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ କ୍ରୀଡା କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି ଏବଂ ଏହି କ୍ଷେତ୍ରରେ ଅନେକ ସଂସ୍କାର ପ୍ରଚଳନ

କରାଯାଇଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶକୁ ବିଶ୍ୱର ଶ୍ରେଷ୍ଠ ୧୦ ମଧ୍ୟରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେ ୨୦୩୬ରେ ଅଲିଂପିକ୍ସ ପାଇଁ ବିଡ୍ କରିଛୁ। ୨୦୪୭ରେ ଆମେ ଆମର ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସେତେବେଳକୁ ବିଶ୍ୱର ଶ୍ରେଷ୍ଠ ୫ଟି କ୍ରୀଡା ରାଷ୍ଟ୍ର ମଧ୍ୟରେ ସାମିଲ ହେବାକୁ ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଦେଶରେ ଏକ କ୍ରୀଡା ଇକୋସିଷ୍ଟମ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ସରକାର ଏ ଦିଗରେ ପ୍ରତିବଦ୍ଧତା ଦେଖାଉଛନ୍ତି । ସେ କହିଛନ୍ତି, ଗତ ସଂସଦ ଅଧିବେଶନରେ ସରକାର କ୍ରୀଡା ଶାସନ ବିଲ୍ ଆଗତ କରିଥିଲେ, ଯାହା ଏକ କ୍ରୀଡାବିତ୍-କେନ୍ଦ୍ରିକ ବିଲ୍। ଏହି ବିଲ୍ ଜାତୀୟ କ୍ରୀଡ଼ା ମହାସଂଘରେ ମହିଳା ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଉଛି ।

---

## ଗୁଜରାଟ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଅହମ୍ମଦାବାଦରେ ୫ ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଗୁଜରାଟକୁ ୨ ଦିନିଆ ଗସ୍ତ କାଳରେ ଶ୍ରୀ ମୋଦୀ ଆଜି ସନ୍ଧ୍ୟାରେ ଅହମ୍ମଦାବାଦରେ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨ ହଜାର ୫୦୦ କୋଟି ଟଙ୍କାର ସହରାଞ୍ଚଳ ବିକାଶ ଯୋଜନା ଏବଂ ୧୧ଶହ କୋଟି ଟଙ୍କାର ଶକ୍ତି ଯୋଗାଣ ପ୍ରକଳ୍ପ ରହିଛି । ଏ ସଂପର୍କରେ ଆମ ସମ୍ବାଦଦାତାଙ୍କ ଏକ ରିପୋର୍ଟ :

**V/O (Aparna Khunta)**

---

# ଲକ୍ଷ୍ନୌ ଶୁଭାଂଶୁ-ଓ୍ୱେଲ୍‌କମ୍

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳାଙ୍କୁ ତାଙ୍କ ଜନ୍ମସ୍ଥାନ ଲକ୍ଷ୍ନୌରେ ଭବ୍ୟ ସ୍ୱାଗତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏବଂ ମେୟର ସୁଷମା ଖାରକଓ୍ୱାଲ' ଚୌଧୁରୀ ଚରଣ ସିଂ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ । ଶୁଭାଂଶୁ ତାଙ୍କ ସ୍କୁଲ୍ ଦ୍ୱାରା ଆୟୋଜିତ ବିଜୟ ପରେଡ୍‌ରେ ଅଂଶ ଗ୍ରହଣ କରିବା ପରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି ଯେ ଶୁଭାଂଶୁ ତାଙ୍କ ସହର ଓ ଦେଶ ପାଇଁ ଯେଉଁ ସମ୍ମାନ ଆଣିଛନ୍ତି, ସେ ନେଇ ସମସ୍ତେ ଗର୍ବିତ ।

ଆଜି ସନ୍ଧ୍ୟାରେ ଉତ୍ତରପ୍ରଦେଶର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶୁଭାଂଶୁଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମ୍ମାନିତ କରିବେ ।

---

# ଭିଏତନାମ-ଷ୍ଟର୍ମ

ଭିଏତନାରେ ଏକ ଶକ୍ତିଶାଳୀ ଝଡ଼ର ସମ୍ଭାବନା ଥିବାରୁ ସେଠାକାର ସରକାର ବିମାନ ବନ୍ଦରକୁ ବନ୍ଦ୍ କରିଦେଇଛନ୍ତି ।ଏଥିସହିତ ସ୍କୁଲ୍ ଗୁଡ଼ିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ସେଠାକାର ପାଣିପାଗ ବିଭାଗ ପରାମର୍ଶ ଦେଇଛି । ପାଣିପାଗ ବିଭାଗ କହିଛି ଘୂର୍ଣ୍ଣିଝଡ଼ **କାଜିକି** ପ୍ରଭାବରେ ଘଣ୍ଟା ପ୍ରତି ୧୬୬ କିଲୋମିଟର ବେଗରେ ପବନ ବହିବା ସହିତ ଅପରାହ୍ନ ସୁଦ୍ଧା ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ପ୍ରାୟ ୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।ଏହି ଝଡ଼ ଯୋଗୁଁ ପ୍ରବଳ ବର୍ଷା ଓ ଭୂସ୍ଖଳନ ଘଟିବାର ସମ୍ଭାବନା ଥିବାରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ

ପାଇଁ ବ୍ୟାପକ ଅର୍ଦ୍ଧସାମରିକ ବାହିନୀ ଓ ଉଦ୍ଧାରକାରୀ ଦଳକୁ ନିୟୋଜିତ କରାଯାଇଛି ।

---

## ବୁଲନ୍ଦସର-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ବୁଲନ୍ଦସର ନିକଟ ୩୪ ନମ୍ବର ଜାତୀୟ ରାଜପଥରେ ଗତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ଶିଶୁ ରହିଥିବା ଜଣାପଡ଼ିଛି । ଏହି ଦୁର୍ଘଟଣାରେ ୪୫ରୁ ଅଧିକ ଆହତ ହୋଇଛନ୍ତି । ଘଟାଲ ଗ୍ରାମ ନିକଟରେ ଏକ କଣ୍ଟେନର ସହିତ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି ।  ରାତି ପ୍ରାୟ ୨ଟା ୧୫ରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ସେହି ଟ୍ରାକ୍ଟରରେ  ପ୍ରାୟ ୬୧ ଜଣ ଶ୍ରଦ୍ଧାଳୁ ରାଜସ୍ଥାନର କାଶଗଞ୍ଜରୁ ଆସୁଥିଲେ ।  ପଛରୁ ଦ୍ରୁତଗତିରେ ଆସୁଥିବା କଣ୍ଟେନରଟି ଟ୍ରାକ୍ଟରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଆହତମାନଙ୍କୁ ଖୁର୍‌ଜା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରେ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଜଣାପଡ଼ିଛି ।

---

## ପାକ୍-ରେନ୍ ଡେଥ୍ ଟୋଲ୍

ପାକିସ୍ତାନରେ ମୌସୁମୀ ବର୍ଷା ପ୍ରଭାବରେ ୭୮୮ ଜଣଙ୍କ ଜୀବନ ଯାଇଥିବା ବେଳେ ୧ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେଠାକାର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଜୁନ୍‌ମାସଠାରୁ ଏପର୍ଯ୍ୟନ୍ତ ୨୦୦ ଜଣ ପିଲା, ୧୧୭ ଜଣ ମହିଳା ଏବଂ ୪୭୧ ଜଣ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗତ ସପ୍ତାହରେ ଖାଇବର୍‌ପଖତୁଓ୍ୱାନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ କେତେକ ଜିଲ୍ଲାରେ ପ୍ରବଳ ବନ୍ୟା ସୃଷ୍ଟି ହୋଇଥିଲା ଏବଂ ସେଥିରେ ୧୩ ଜଣଙ୍କ ମୃତ୍ୟୁ ହେବା ସହ ୫୨ ଜଣ ଆହତ

ହୋଇଥିଲେ । ପାକିସ୍ତାନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଖାଇବରପଖତୁନ୍ଖ୍ୱା ଅଞ୍ଚଳରେ ସର୍ବାଧିକ ୩୬୯ଜଣଙ୍କ ମୃତ୍ୟୁ ଘଟିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆଜି ରାତି ୯.୩୦ ମିନିଟରେ ଆମର ଦ୍ୱିଭାଷୀ ଲାଇଭ୍ ଫୋନ୍-ଇନ୍ ପ୍ରୋଗ୍ରାମ 'ପବ୍ଲିକ୍ ସ୍ପିକ୍'ରେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନଙ୍କ ସହିତ ଅନଲାଇନ୍ ଗେମିଂ ନିୟନ୍ତ୍ରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ହେବ। କାର୍ଯ୍ୟକ୍ରମ ସମୟରେ, ଶ୍ରୋତାମାନେ ଅନଲାଇନ୍ ଗେମିଂ ଉପରେ ନୂତନ ଆଇନର ବିଭିନ୍ନ ଦିଗ, ଅନଲାଇନ୍ ଗେମିଂରୁ ନିଶା ନିବାରଣ ଏବଂ ଆର୍ଥିକ କ୍ଷତିରୁ କିପରି ସୁରକ୍ଷା ପାଇପାରିବେ ସେ ବିଷୟରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ମିଳିବ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆଜି ରାତି ୯ଟା ୩୦ ମିନିଟ୍‌ରୁ ଟେଲିଫୋନ୍ ନମ୍ବର ୦୧୧-୨୩୭୧୭୧୧୭ ଏବଂ ୦୧୧-୨୩୩୧୪୪୪୪ ରେ ଡାଏଲ୍ କରିପାରିବେ ।

ବିକଳ୍ପ ଭାବରେ, ଆପଣ ଆପଣଙ୍କର ପ୍ରଶ୍ନଗୁଡ଼ିକୁ ହ୍ୱାଟ୍ସଅପ୍ ମାଧ୍ୟମରେ ୯୨୮୯୦୯୪୦୪୪ ନମ୍ବରକୁ ପଠାଇପାରିବେ କିମ୍ବା **AskAir** ହ୍ୟାସଟ୍ୟାଗ୍ ସହିତ **X**ରେ ପୋଷ୍ଟ କରିପାରିବେ।

## ଏସ୍ଏ ପ୍ରେସିଡେଣ୍ଟ

ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ରୁଷ-ୟୁକ୍ରେନ୍ ଶାନ୍ତି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିବାପାଇଁ ୟୁରୋପୀୟ ନେତାମାନଙ୍କ ସହ

ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି । ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଶ୍ରୀ ସିରିଲ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାର୍କନ୍ ଏବଂ ଫିନିଶ୍ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍‌ଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ରାଷ୍ଟ୍ରପତିଙ୍କ ମୁଖପାତ୍ର ଭିମ୍‌ସେଣ୍ଟ୍ ମ୍ୟାଗ୍ୱେନ୍ୟା ସୂଚନା ଦେଇଛନ୍ତି, ଏହି ଆଲୋଚନାରେ ୟୁରୋପର ନେତାମାନେ ଖୋଲାଖୋଲି ଭାବେ ସେମାନଙ୍କର ମତ ପ୍ରକାଶ କରିଛନ୍ତି । ରୁଷ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ରାଷ୍ଟ୍ରପତି ରାମାଫୋସା ତାଙ୍କର ଦୃଢ଼ ପ୍ରତିବଦ୍ଧତା ଉପରେ ଉଲ୍ଲେଖ କରିଛନ୍ତି । ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କି ଓ ଅନ୍ୟାନ୍ୟ ୟୁରୋପୀୟ ନେତମାନଙ୍କ ସହ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।